● ଲୋଇସିଂହା ଗହଣା ଦୋକାନ ଚୋରି ମାମଲା

# ୫୦ ଦିନ ପରେ ଧରିପଡ଼ିଲା ଅଭିଯୁକ୍ତ

ବଲାଙ୍ଗିର, ୧୦।୨(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନାରୁ କିଛି ଦୂରରେ ହୋଇଥିବା ଏକ ଗହଣାରୁ ଦୋକାନ ଚୋରି ମାମଲାରେ ପୁଲିସ ଜଣେ ଯୁବକଙ୍କୁ ଧରିଛି। ଏହି ଚୋରି ମାମଲାର ପ୍ରାୟ ୨ ମାସ ପରେ ପୁଲିସ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ଡିସେମ୍ବର ୧୮ ତାରିଖ ବିଳମ୍ବିତ ରାତିରେ ଲୋଇସିଂହା ଥାନାରୁ ମାତ୍ର ଦୁଇ ଶହ ମିଟର ଦୂରରେ ଥିବା ସୁନା ଗହଣା ଦୋକାନରୁ ଚୋରି ହୋଇଥିଲା। ପ୍ରାୟ ୨୬ ଲକ୍ଷ ଟଙ୍କାର ସୁନା ଗହଣା ଚୋରି ହୋଇଥିଲା। ବିଲ୍ ଅନୁଯାୟୀ କମ୍ ପରିମାଣର ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ତେବେ ବ୍ୟବସାୟୀ ଜଣକ ବାରମ୍ବାର ଏହି ଚୋରି ଅଭିଯୋଗ ବିରୋଧରେ ପୁଲିସର ନିରବତାକୁ ନେଇ ଏସ୍‌ପି ଅଫିସ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଆସୁଥିଲେ। ବହୁ କଷ୍ଟରେ ଦୋକାନ ଚଳାଉଥିବା ବ୍ୟବସାୟୀ ଜଣକ ଚୋରକୁ ଧରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିବା ପାଇଁ ଅନୁରୋଧ କରିଆସୁଥିଲେ; କିନ୍ତୁ ଲୋଇସିଂହା ପୁଲିସ ଏହାକୁ ହାଲୁକା ଭାବରେ ନେଉଥିଲା। ଏସ୍‌ପି ଏହି ଘଟଣାକୁ ଗୁରୁତର ସହ ନେଇ ଛାନଭିନ ଆରମ୍ଭ କରିଥିଲେ। ଏହି ମାମଲାରେ ଏକ ସ୍ୱତନ୍ତ୍ର ଟିମ୍‌କୁ ଲଗାଇ ସାଇବର ପୁଲିସର ସହାୟତାରେ ମିଳିଥିବା ତଥ୍ୟକୁ ଭିତ୍ତିକରି ଲୋଇସିଂହା ନିକଟସ୍ଥ ଏକ ଗାଁର ଯୁବକଙ୍କୁ ପୁଲିସ ଅଟକ ରଖି ଅଧିକ ପଚରାଉଚୁରା କରୁଛି। ତେବେ ସମ୍ପୃକ୍ତ ଯୁବକ ଏକ ବଡ ଚୋରି ଗ୍ୟାଙ୍ଗରେ ସାମିଲ ଥିବା ଅଞ୍ଚଳରେ ଚର୍ଚ୍ଚା ହେଉଥିବା ବେଳେ ଅନ୍ୟ ଥାନାର ମାମଲାରେ ମଧ୍ୟ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ହେଉଛି।

ଏନେଇ ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିବା ବେଳେ ଏହି ମାମଲାରେ ଆହୁରି କିଛି ଅଭିଯୁକ୍ତ ଗିରଫ ହେବାର ସମ୍ଭାବନା ରହିଛି।

● ଡିସେମ୍ବର ୧୮ ତାରିଖରେ ଚୋରି ହୋଇଥିଲା

କାମ କରୁନି ସଚେତନତା, ନାଳିଆଖି, ଉଚ୍ଛେଦ

# ପୁଣି ରାସ୍ତା ମାଡିବସିଲେଣି ଦୋକାନୀ

ବଲାଙ୍ଗିର, ୧୦।୨(ସମିସ)



ସୁନ୍ଦର ବଲାଙ୍ଗିରକୁ ଅସୁନ୍ଦର କରୁଛି ବେଆଇନ ଜବରଦଖଲ। ସହରର ସୌନ୍ଦର୍ଯ୍ୟକରଣ, ଡ୍ରେନ୍ ସମସ୍ୟାର ସମାଧାନ, ଟ୍ରାଫିକ ବ୍ୟବସ୍ଥାର ପରିଚାଳନା ପାଇଁ ଗତ କିଛି ବର୍ଷ ଭିତରେ ଅନେକ ଜବରଦଖଲ ଉଚ୍ଛେଦ କରାଯାଇଛି। ନୂଆ ନୂଆ ଉନ୍ନତିମୂଳକ କାମ ହାତକୁ ନିଆଯାଇଛି; କିନ୍ତୁ ଅବସ୍ଥା ଏବେ ବି ଯଥା ପୂର୍ବଂ ତଥା ପରଂ। ଉଚ୍ଛେଦ ହୋଇଥିବା ଲୋକେ ପୁଣି ସେହି ଜାଗାକୁ ବେଆଇନ ଜବରଦଖଲ କରିସାରିଲେଣି। ସହରରେ ଟ୍ରାଫିକ ସମସ୍ୟା କମିବ କ'ଣ ପୁଣି ତାହା ବଢ଼ି ବଢ଼ି ଚାଲିଲାଣି।

କଥାରେ ଅଛି ମୋତେ ଯେତେ ମାଠିବୁ ମାଠ, ମୁଁ ସେହି ଦରପଡୋ କାଠ। ଏହା ବଲାଙ୍ଗିର ସହରରେ ଅକ୍ଷରେ ଅକ୍ଷରେ ପାଳନ କରାଯାଉଛି। ଚେସବୋର୍ଡର ସହର ବଲାଙ୍ଗିରର ପୁରୁଣା ସୁନ୍ଦରତା ଫେରାଇ ଆଣିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ବର୍ଷ ବର୍ଷ ଧରି ସରକାରୀ ଜାଗା, ଡ୍ରେନକୁ ମାଡି ବସିଥିବା ଲୋକଙ୍କୁ ଉଚ୍ଛେଦ କରାଯାଇଥିଲା। ସହରରେ ଲାଗିରହିଥିବା ଡ୍ରେନ୍ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସ୍ଥାନରେ ନୂତନ ଡ୍ରେନ ନିର୍ମାଣ କରାଯାଇଥିଲା। ବିଶେଷ କରି ଦୈନିକ ବଜାର ରାସ୍ତାରେ ଥିବା ଦୋକାନୀ ଡ୍ରେନକୁ ମାଡି ବସିଥଲେ। ସେମାନଙ୍କୁ ହଟାଇ ନୂତନ ଡ୍ରେନ ନିର୍ମାଣ କରାଯାଇଥିଲା। ଏହାଫଳରେ ରାସ୍ତା ଓସାରିଆ ହେଲେ ପାର୍କିଂ ସମସ୍ୟା ସହ ଟ୍ରାଫିକ ସମସ୍ୟା ଦୂର ହେବ ବୋଲି କୁହାଯାଇଥିଲା; କିନ୍ତୁ ଏହି ଡ୍ରେନ୍ ନିର୍ମାଣ କାମ ସରିବା ପରେ ହିଁ ଉଚ୍ଛେଦ ହୋଇଥିବା ଦୋକାନୀ ପୁଣି ଡ୍ରେନକୁ ମାଡିବସିଲେଣି। କିଛି ବ୍ୟବସାୟୀ ତ ଡ୍ରେନ ଉପରେ ହିଁ ବେଆଇନ ନିର୍ମାଣ ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ଏହାଫଳରେ ପୁଣି ଜନଗହଳି ରାସ୍ତାରେ ସମସ୍ୟା ଦେଖିବାକୁ ମିଳିଛି। ସେହିପରି କିଛି ବର୍ଷ ପୂର୍ବରୁ କଚେରୀ ଛକଠାରୁ ପାଟଣା ହୋଟେଲ ଛକ ପର୍ଯ୍ୟନ୍ତ ରାସ୍ତା ମଝିରେ ଡିଭାଇଡର ନିର୍ମାଣ କରାଯାଇଥିଲା। ଗୋଟିଏ ପଟେ ରାସ୍ତା ସଂକୀର୍ଣ୍ଣ ଥିବା ବେଳେ ଅନ୍ୟପଟେ ଡିଭାଇଡର ନିର୍ମାଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ରାସ୍ତାର ଉଭୟ ପଟରେ ଜନଗହଳିପୂର୍ଣ୍ଣ ବଜାର ରହିଛି। ଉଭୟ କଡରେ ଥିବା ଦୋକାନୀ ନିଜ ଷ୍ଟଲ ବାହାରେ ଥିବା ସ୍ଥାନକୁ ପାର୍କିଂ ଭାବେ ବ୍ୟବହାର କରିବା ପାଇଁ ବେଆଇନ ଜବରଦଖଲ କରିଥିବା ଦେଖିବାକୁ ମିଳିଥିଲା। ଏହାଫଳରେ ରାସ୍ତାରେ ହେଉଥିବା ଟ୍ରାଫିକ ସମସ୍ୟାର ସମାଧାନ କରିବା ପାଇଁ ଏହି ରାସ୍ତାକୁ ନୋ ପାର୍କିଂ ଜୋନ କରାଯାଇଥିଲା। କିଛି ଦିନ ଧରି ପୌର ଓ ପୁଲିସ ପ୍ରଶାସନ ଘନ ଘନ ଚଢଉ କରି ଜରିମାନା ମଧ୍ୟ ଆଦାୟ କରିଥିଲେ। କେବଳ ପାର୍କିଂ କରୁଥିବା ଯାତ୍ରୀ ନୁହଁ; ଦୋକାନୀଙ୍କୁ ମଧ୍ୟ ଜରିମାନା ଭୟ ଦେଖାଯାଇଥିଲା; କିନ୍ତୁ ଏହା ପୂର୍ବାବସ୍ଥାକୁ ଫେରିଆସିଛି। ପୁଣି ସମ୍ପୃକ୍ତ ଦୋକାନୀମାନେ ରାସ୍ତା ମାଡି ଜବରଦଖଲ ଆରମ୍ଭ କରିଛନ୍ତି। ଏହାଫଳରେ ବିଶେଷ କରି ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ବେହାଲ ଅବସ୍ଥାରେ ରହିଛି। ଏପଟେ ଡିଭାଇଡର ଓ ଅନ୍ୟପଟେ ବେଆଇନ ଜବରଦଖଲ ପାଇଁ ଉପୁଜୁଥିବା ଟ୍ରାଫିକ ସମସ୍ୟା ସହରବାସୀଙ୍କ ସମସ୍ୟା ବଢ଼ାଇଛି। ବଲାଙ୍ଗିର-ବରଗଡ଼, ବଲାଙ୍ଗିର-ପାଟଣାଗଡ଼, ବଲାଙ୍ଗିର-ଟିଟିଲାଗଡ଼ ଭଳି ମୁଖ୍ୟ ରାସ୍ତା, ଦୈନିକ ବଜାର, ଡାକ୍ତରଖାନା, ସମଲେଶ୍ୱରୀ ମନ୍ଦିର ଛକ, ଗୋପାଳଜୀ ମନ୍ଦିର ରାସ୍ତା, ରମାଇଁ ଟକିଜ ରାସ୍ତା, ପୌରକାର୍ଯ୍ୟାଳୟ ରାସ୍ତା, ବ୍ରାହ୍ମଣପଡ଼ା ରାସ୍ତା, ହାଟପଦାପଡ଼ା ରାସ୍ତା ଏହିଭଳି ସହରର ଅନେକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଏହି ସମସ୍ୟା ବଢ଼ି ଚାଲିଛି। ବାରମ୍ବାର ତାଗିଦ, ସଚେତନତା ସତ୍ତ୍ୱେ ଏହି ସମସ୍ୟାର ସମାଧାନ ନ ହେବାରୁ ଅସନ୍ତୋଷ ବୃଦ୍ଧି ପାଉଛି।

ଏଥିପ୍ରତି ଉଭୟ ପୌର ଓ ପୁଲିସ ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ପଛଘୁଞ୍ଚା ଦେଉଛି।

● ସଂକୀର୍ଣ୍ଣ ହେଉଛି ରାସ୍ତା
● ଟ୍ରାଫିକ ପରିଚାଳନା ବେହାଲ

# ୬ ମାସ ନ ପୂରୁଣୁ କଂକ୍ରିଟରେ ଫାଟ

ଦେଓଗାଁ, ୧୦।୨(ସମିସ): ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟସ୍ଥିତ ମୁଖ୍ୟ ବସ୍ତି ରାସ୍ତା ଉନ୍ନତିକରଣ କାମରେ ଦୁର୍ନୀତିର ପ୍ରମାଣ ମିଳିଛି। ୬ମାସ ନ ପୂରୁଣୁ କଂକ୍ରିଟରେ ଫାଟ ସୃଷ୍ଟି ହୋଇଛି। ଏଣୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦେଓଗାଁ ଦୁର୍ଗା ମଣ୍ଡପଠାରୁ କଛାରପାଲି ଓ ଟାଙ୍ଗରଛକଠାରୁ ଏଟିଏମ ଛକ ପର୍ଯ୍ୟନ୍ତ ଦୀର୍ଘଦିନ ହେଲା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଉପରେ ଦେଓଗାଁ ଓ କଛାରପାଲି ସମେତ ଆଖପାଖ ଗାଁର ଲୋକେ ପ୍ରତ୍ୟେକ ଦିନ ନିର୍ଭର କରିଥାନ୍ତି। ରାସ୍ତା ଶୋଚନୀୟ ହୋଇପଡ଼ିବାରୁ ସଚେତନ ବ୍ୟକ୍ତି ଓ ଜନପ୍ରତିନିଧିମାନେ ବାରମ୍ବାର ବ୍ଲକ ପ୍ରଶାସନକୁ ଉନ୍ନତି କରଣ ପାଇଁ ଦାବି କରିଥିଲେ। ଏଣୁ ୨୦୨୫-୨୬ ଆର୍ଥିକ ବର୍ଷରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଟାଙ୍ଗରଛକଠାରୁ ଦୁର୍ଗାମଣ୍ଡପଛକ ପର୍ଯ୍ୟନ୍ତ ରାସ୍ତା କଂକ୍ରିଟକରଣ କାମ ପାଇଁ ୬ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଏହି ୬ଲକ୍ଷ ଟଙ୍କା ବ୍ୟୟରେ ଟାଙ୍ଗରଛକରୁ ପୂର୍ବତନ ସରପଞ୍ଚ ଚନ୍ଦ୍ରଚୂଡ ବେହେରାଙ୍କ ଘର ପର୍ଯ୍ୟନ୍ତ ରାସ୍ତା ଉନ୍ନତିକରଣ କାମକରାଯାଇଥିଲା। ଏବେ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି।



# ଗୋଇମୁଣ୍ଡରେ ଧରଣୀ ପେନୁର ପଞ୍ଚାୟତସ୍ତରୀୟ ବୈଠକ



ମୁରିବାହାଲ, ୧୦।୨(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ଗ୍ରାମର ଦୁଆରସେନୀ ଗୁଡି ପରିସରରେ ଧରଣୀପେନୁର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବାଦେବୀଙ୍କ ପୂଜାର୍ଚ୍ଚନା ପରେ ବୈଠକ ଆୟୋଜିତ ହୋଇଥିଲା। ଧରଣୀପେନୁର ସଂଯୋଜକ ଛବି ରାବଣ ଜାନୀ, ଯୁବ ସମାଜସେବୀ ଅଶୋକ ନାରାୟଣ ଭୋଇ, ଗଣେଶ ଭୋଇ, ସମ୍ପାଦକ ରାଧେଶ୍ୟାମ ଭୋଇ, ଡମ୍ବରୁ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଆଦିବାସୀ ରୀତିନୀତି, ସଂସ୍କୃତି, ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ଦେବାଦେବୀ ପୂଜା, ପ୍ରଥା ପରମ୍ପରା, ରୀତିନୀତି, ସଂସ୍କୃତି, ଭାଷା ସାହିତ୍ୟ, ଲୋକ ଗୀତ, ଲୋକ ସଙ୍ଗୀତ, ଲୋକ ନୃତ୍ୟକୁ ଉଜ୍ଜୀବିତ ରଖିବା ସହିତ ପାରମ୍ପରିକ ଦେବାଦେବୀ ସ୍ଥଳର ସୁରକ୍ଷା, ସଂରକ୍ଷଣ ପାଇଁ ଆହ୍ୱାନ ଦିଆଯାଇଥିଲା। ଗୋଇମୁଣ୍ଡ ପଞ୍ଚାୟତର ଜାନୀ, ଝାଙ୍କର, ପୁଝାରୀ ଉପସ୍ଥିତ ରହି ମତ ରଖିଥିଲେ। ସେହିଭଳି ରାଜେଶ୍ୱର ଭୋଇ, ବିପିନ ଭୋଇ, ଅଭିରାମ ଭୋଇ, ରଜନୀକାନ୍ତ ଭୋଇ, ନରନାଥ ଭୋଇ, କପୁରଚନ୍ଦ ଜାନୀ, ଜଳଧର ଭୋଇ, ଛିନୁ ଭୋଇ, ରୋହିତ ଭୋଇ, କମ୍ଭୁ ସାହୁ, ଯିଶୁରାମ ସାହୁ ପ୍ରମୁଖ ନିଜ ନିଜ ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟ ଗୋରେଖ ଭୋଇ ସଭାପତିତ୍ୱ କରିଥିଲେ।

# ଗଜଭଟିଆ ଶୁଣ୍ଡି ସମାଜ ବାର୍ଷିକ ବୈଠକ

ବେଲପଡ଼ା, ୧୦।୨(ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ସଲଣ୍ଡି ଗ୍ରାମର ସୁବର୍ଣ୍ଣଗ୍ରାହି ମନ୍ଦିର ପ୍ରାଙ୍ଗଣରେ ବଲାଙ୍ଗୀର ଜିଲ୍ଲାସ୍ତରୀୟ ଗଜଭଟିଆ ଶୁଣ୍ଡି ସମାଜ ବାର୍ଷିକ ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବେଲପଡ଼ା ବ୍ଲକ ଗଜଭଟିଆ ଶୁଣ୍ଡି ସମାଜ ସଭାପତି ପରମା ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ରୂପେ କଳାକାହ୍ନୁ ବେହେରା, ସମ୍ମାନିତ ଅତିଥି ରୂପେ ଜିଲ୍ଲା ସମ୍ପାଦକ ଶଶିକାନ୍ତ ବେହେରା, ବ୍ଲକ ସଭାପତି କିଶୋର ବେହେରା, ବ୍ଲକ ସଭାପତି ସାଇଲେନ୍ଦ୍ର ବେହେରା, ସମ୍ପାଦକ ବିଜୟବେହେରା, ସମ୍ପାଦକ ଅକ୍ଷୟବେହେରା ଯୋଗ ଦେଇଥିଲେ। ଜିଲ୍ଲାସ୍ତରୀୟ ଶୁଣ୍ଡି ସମାଜର ନୂତନ କର୍ମକର୍ତ୍ତା ଚୟନ ପାଇଁ ଆଲୋଚନା ହୋଇଥିଲା। ମାର୍ଚ୍ଚ ୮ ତାରିଖ ସଲଣ୍ଡି ଗ୍ରାମରେ ଜିଲ୍ଲାସ୍ତରୀୟ ନୂତନ କମିଟି ଗଠନ ନିମନ୍ତେ ପ୍ରସ୍ତାବ ପରିତ ହୋଇଥିଲା। ଲିଙ୍ଗରାଜ ବେହେରା, ତେଜୁ ବେହେରା, ହୃଦା ବେହେରା, ନକୁଳ ବେହେରା, ବେଦବ୍ୟାସ ବେହେରା, ରାଜ କୁମାର ବେହେରା, ହରେକୃଷ୍ଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ।



# ଢାବାରୁ ପ୍ରଚୁର ବିଦେଶୀ ମଦ ଜବତ

କଣ୍ଟାବାଞ୍ଜି/ମୁରିବାହାଲ, ୧୦।୨(ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ପୁଲିସ ହଳଦୀ-ମୁରିବାହାଲ ରାସ୍ତା ଜଙ୍ଗଲ ନିକଟ ଏକ ଢାବାରୁ ପ୍ରଚୁର ବିଦେଶୀ ମଦ ଜବତ କରିଛି। ମଙ୍ଗଳବାର ମୁରିବାହାଲ ପୁଲିସ ଏହି ଢାବାରେ ଅଚାନକ ଚଢ଼ଉ କରିଥିଲା।

ଏହି ଘଟଣାରେ ପୁଲିସ ମୁରିବାହାଲ କ୍ଷେତ୍ରସନପଡ଼ାର ସନ୍ଦୀପ ମାହାରଣା(ମୁନା)କୁ ଗିରଫ କରିଥିଲା। ପରେ ତାକୁ କୋର୍ଟ ଚାଲାଣ କରିଥିଲା; ହେଲେ ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଠାରେ ଦୀର୍ଘ ଦିନ ହେଲା ବେଆଇନ ଭାବେ ମଦ ବିକ୍ରି ହେଉଥିବା ପୁଲିସ ନିକଟରେ ସୂଚନା ରହିଥିଲା। ଶେଷରେ ଚଢଉ କରି ପୁଲିସ ୫୦ ଲିଟରରୁ ଅଧିକ ବିଦେଶୀ ମଦ ଜବତ କରିଛି।

# ପିଏମ୍‌ଶ୍ରୀ ସରକାରୀ ନୋଡାଲ୍ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବେଲପଡ଼ା, ୧୦।୨(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ନୋଡାଲ୍ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେଲପଡ଼ା ଜିପିଓ ଦେବେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି କୁନୁ ମୁଣ୍ଡା, ବିଧାୟକ ପ୍ରତିନିଧି ତନ୍ମୟ ଦାଶ, ଅଶୋକ ମେହେର ଓ ଖିରାନ୍ ବୁଡେକ୍ ଯୋଗ ଦେଇଥିଲେ। ଦିନରଘୁ ମେହେର ହାଇସ୍କୁଲର ମୁଖ୍ୟଶିକ୍ଷକ ଚିତ୍ତରଞ୍ଜନ ପାଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବିଶ୍ୱମ୍ଭର ବୁଡେକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ତେନ୍ତୁଳିଖୁଣ୍ଟି ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ

ମୁରିବାହାଲ, ୧୦।୨(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ୍ ବ୍ଲକ ସିରୋଲ୍ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ବଡ ତେନ୍ତୁଳିଖୁଣ୍ଟି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ସିରୋଲ କ୍ଲଷ୍ଟର ସିଆରସିସି ସୁଧୀର ନାଗ, ମୁଖ୍ୟବକ୍ତା ଭାବେ ଓଡ଼ିଆ ଅଧ୍ୟାପକ ପୁଲସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ଅରୁଣ ପାତ୍ର, ପରିଚାଳନା କମିଟି ସଭାପତି ଅନଙ୍ଗ ବେହେରା, ପଞ୍ଚସଖା ଶିକ୍ଷା ସେତୁ ମନୋଜ ମହାନ୍ତି, ସଦସ୍ୟ ଉପେନ୍ଦ୍ର ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ସତ୍ୟ କୁମ୍ଭାର ସଭାପତିତ୍ୱ କରିଥିଲେ। ବିଶମ୍ବର ବାଗ ମଞ୍ଚ ପରିଚାଳନା କରିଥିଲେ। ପ୍ରମୋଦ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସୁଭାସିନୀ ସାହୁ, ଶିବସୁନ୍ଦର ରାଉତ, ଜସ୍ମିନ୍ ମିଶ୍ର, ଗୀତାଞ୍ଜଳି ମହାନନ୍ଦ, ପବିତ୍ର ବେହେରା, ନିକିତା ଓରାମ୍, ବିଷ୍ଣୁପ୍ରିୟା ଦାସ, କମଳେଶ କିରଣ ମାଝି ଓ ଜୁବନ୍ୟାସ ମାଝି ପ୍ରମୁଖ ସହଯୋଗ କରିଥିଲେ।



ବିଛୁବାହଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ପ୍ରାଥମିକ ଶିକ୍ଷା ହିଁ ଛାତ୍ରଛାତ୍ରୀଙ୍କ ମେରୁଦଣ୍ଡ



ବେଲପଡ଼ା, ୧୦।୨(ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ଅଧୀନ ବିଛୁବାହାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷା ହିଁ ଛାତ୍ରଛାତ୍ରୀଙ୍କ ମେରୁଦଣ୍ଡ ବୋଲି ଏଥିରେ ମତ ପ୍ରକାଶ ପାଇଛି। ସଲଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥବୀର ଛତ୍ରିଆ, ଲଥାକେନ୍ଦ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟଦର୍ଶନ ବେହେରା, ଫୁଲକାନି ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦଭ ମାଝୀ, ଭିରିକା ପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୁଦ୍ଧୁ ବାଗ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭୋଦେବ ମହାନନ୍ଦ, ସଭ୍ୟ ବିଶ୍ୱମ୍ବର ପୁଟେଲ, ତୁଲାରାମ ମାଝୀ ଓ ସଭ୍ୟା କ୍ଷିରବତି ପୁଟେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ପ୍ରଧାନ ଶିକ୍ଷକ ଘନଶ୍ୟାମ ବେହେରା ସଭାପତିତ୍ୱ କରିଥିଲେ। ଶିକ୍ଷକ ଜ୍ୟୋତିର୍ମୟ ନାଗ, ପାହାଁନ୍ତ କୁମ୍ଭାର, ଶିକ୍ଷୟିତ୍ରୀ ଗୋଦାବରୀ ମାଝୀ, ମଧୁମିତା ବାବୁ, ସଂଯୁକ୍ତା କିସାନ ସହଯୋଗ କରିଥିଲେ।

ହଳଦୀ ଜୟ ଡଙ୍ଗରବୁଢ଼ା କପ୍ ଫୁଟବଲ୍

# ଉଦ୍‌ଘାଟନୀ ମ୍ୟାଚରେ ଭାଟିପଡ଼ା ଓ ତୁର୍ଲା ବିଜୟୀ

ମୁରିବାହାଲ, ୧୦।୨(ସମିସ)



ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ହାଇସ୍କୁଲ ଖେଳ ପଡ଼ିଆରେ ମଙ୍ଗଳବାର ଜୟ ଡଙ୍ଗରବୁଢ଼ା କପ୍ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ପ୍ରଥମ ମ୍ୟାଚ୍ ଘୁଷୁରାମୁଣ୍ଡା ଓ ଭାଟିପଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇ ପାରି ନ ଥିଲେ। ଟାଇବ୍ରେକର ଯୋଗେ ଭାଟିପଡ଼ା ଦଳ ବିଜୟୀ ହୋଇଥିଲା। ସେହିପରି ବଙ୍ଗୋମୁଣ୍ଡା ଓ ତୁର୍ଲା ଦଳ ମଧ୍ୟରେ ୨ୟ ମ୍ୟାଚ ହୋଇଥିଲା। ତୁର୍ଲା ଦଳ ୧-୦ ଗୋଲରେ ବଙ୍ଗୋମୁଣ୍ଡା ଦଳକୁ ପରାସ୍ତ କରି ବିଜୟୀ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ପତ୍ରାପାଲି(ଖ) ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ଛତ୍ରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୁଡ଼ିସରା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁବାସ ପଟ୍ଟନାୟକ, ସାମ୍ବାଦିକ ଦୁର୍ଗାନନ୍ଦ ମହାକୁର, ଜୟନ୍ତ କୁମାର ସାହୁ, ନବୀନ କୁମାର ତାଣ୍ଡି, ପ୍ରେମାନନ୍ଦ ତାଣ୍ଡି, ଡଙ୍ଗରବୁଢ଼ା ମନ୍ଦିର ପୂଜକ ଚୁଡାମଣି ପୂଝାରୀ, ଥବୀର ପୁଝାରୀ ଓ ଦ୍ୱିତୀୟା ଭୋଇ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଆଶୀର୍ବାଦ ସା, ଆଶିଷଦେବ ସା, ଅଶ୍ୱିନୀ ଭୁକ୍ତା ଓ ପ୍ରତାପ ଭୁକ୍ତା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ହଳଦୀ ଇଲେଭେନ୍ ବ୍ରଦର୍ସ ଫୁଟବଲ୍ ଆସୋସିଏନର ସଭାପତି ବିକି ଭୋଇ, ସମ୍ପାଦକ ବିଦ୍ୟାଧର ପୋଡ଼, କୋଷାଧ୍ୟକ୍ଷ ଗୁଣନିଧି ପୋଡ଼, ଚିତ୍ରସେନ ହାତୀ, ସୁନୀଲ ହାତୀ, ଫଣିନ୍ଦ୍ର ହାତୀ, ଝୁନୁ ପୋଡ଼, ହେମରାଜ ବାଗଙ୍କ ସହ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

● ବନାଗ୍ନି ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ

# ନିଆଁମୁକ୍ତ ଜଙ୍ଗଲ ପାଇଁ ପୁରସ୍କୃତ ହେବ ପଞ୍ଚାୟତ

ଦେଓଗାଁ, ୧୦।୨(ସମିସ): ଦେଓଗାଁ ବନାଞ୍ଚଳ ତରଫରୁ ସୁନାଆଡକି ନିକଟସ୍ଥ ସ୍ଥାୟୀ ଚାରାନର୍ସରୀଠାରେ ମଙ୍ଗଳବାର ଅପରାହ୍ନରେ ବନାଗ୍ନି ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦେଓଗାଁ ଅତିରିକ୍ତ ବିଡିଓ ପୁଷ୍ପାଞ୍ଜଳି ନାଏକ, ସମ୍ମାନୀତ ଅତିଥି ଭାବେ ଦେଓଗାଁ ବନାଞ୍ଚଳ ଦାୟିତ୍ୱରେ ଥିବା ରେଞ୍ଜର ନବୀନ ପଣ୍ଡା, ଅଗ୍ନିଶମ ଅଧିକାରୀ ଲାଲୁ ମୁଣ୍ଡା, ଫରେଷ୍ଟର ଜନ୍ମେଜୟ ପାଣିଗ୍ରାହୀ, ଚିତ୍ତରଞ୍ଜନ ଖମାରୀ ପ୍ରମୁଖ ଯୋଗ ଦେଇଥିଲେ। ଖରାଦିନେ ଜଙ୍ଗଲରେ ନିଆଁଲାଗି ଅନେକ ମୂଲ୍ୟବାନ ଗଛ ନଷ୍ଟ ହେଉଛି। ପରିବେଶ ପ୍ରତି କୁପ୍ରଭାବ ପଡୁଛି। ଅତିଥିଗଣ ଏ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଥିଲେ। ଏହାସହ ଜଙ୍ଗଲରେ ନିଆଁ ଲଗାଇଲେ ଆଇନ ଅନୁଯାୟୀ ରହିଥିବା ଦଣ୍ଡବିଧାନ ଉପରେ ଆଲୋକପାତ କରିଥିଲେ। ଏଥିସହ ନିଆଁକୁ ଆୟତ୍ତ କରିବାର ବିଭିନ୍ନ ଉପାୟ ଉପରେ ସଚେତନ କରିଥିଲେ। ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ପରିବେଶ ତଥା ମୃତ୍ତିକା ଉପରେ ପଡୁଥିବା କୁପ୍ରଭାବ ଓ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ତେବେ ଯେଉଁ ପଞ୍ଚାୟତର କର୍ମକର୍ତ୍ତା ଜଙ୍ଗଲରେ ଚଳିତ ବର୍ଷ ନିଆଁକୁ ଆୟତ୍ତ କରି ନିଆଁମୁକ୍ତ ଜଙ୍ଗଲ କରିବେ ସେହି ପଞ୍ଚାୟତକୁ ବଲାଙ୍ଗିର ବନଖଣ୍ଡ ତରଫରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ମାନୀତ କରଯିବ ବୋଲି ରେଞ୍ଜର ପଣ୍ଡା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜଙ୍ଗଲ ନିକଟସ୍ଥ ପଞ୍ଚାୟତର ସରପଞ୍ଚ, ବନ ସୁରକ୍ଷା ସମିତିର ସଦସ୍ୟ, ଦେଓଗାଁ ଓ ତୁଷୁରା କେନ୍ଦୁପତ୍ର ଡିଭିଜନର ଫରେଷ୍ଟର ଓ କର୍ମଚାରୀଙ୍କ ସମେତ ଦେଓଗାଁ ବନାଞ୍ଚଳର କର୍ମଚାରୀ ଯୋଗ ଦେଇଥିଲେ।



## ଖୁଣ୍ଟବନ୍ଧରେ ଜଳ ଅର୍ପଣ ଦିବସ

# ଜଳ ଅପଚୟ ନ କରିବାକୁ ଆହ୍ୱାନ

ବୌଦ୍ଧ/ଜହ୍ନାପଙ୍କ, ୧୦।୨(ସମିସ)




ବୌଦ୍ଧ ଜିଲ୍ଲା ଖୁଣ୍ଟବନ୍ଧ ପଞ୍ଚାୟତ ବୁରକଟା ଗଦବସା ପଡ଼ିଆରେ 'ହର୍ ଘର୍ ଜଲ୍' ଓ ଜଳ ଜୀବନ ମିଶନ ଆନୁକୂଲ୍ୟରେ ଜଳ ଅର୍ପଣ ଦିବସ ଉଦ୍‌ଘାଟିତ ହୋଇଛି। ଜଳ ଅପଚୟ ନ କରିବାକୁ ଏଥିରେ ନିବେଦନ କରାଯାଇଛି। ଜଳ ସଂରକ୍ଷଣ, ସୁରକ୍ଷିତ ପାନୀୟ ଜଳର ବ୍ୟବହାର ଏବଂ ଏଥିପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ ଅଧୀକ୍ଷଣ ଯନ୍ତ୍ରୀ ଅଜିତ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, କନ୍ଧମାଳ ସାଂସଦଙ୍କ ବୌଦ୍ଧ ପ୍ରତିନିଧି ଯୁଗଳ ସାମଲ, ଖୁଣ୍ଟବନ୍ଧ ସରପଞ୍ଚ ଟୁନି ମହାନନ୍ଦିଆ ପ୍ରମୁଖ ଯୋଗଦେଇ ଜଳର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହାପରେ ଜଳାଶୟ ଉଦ୍‌ଘାଟନ ଓ ଜଳ ଅର୍ପଣ କରାଯାଇଥିଲା। ଭବିଷ୍ୟତ ପାଇଁ କିଭଳି ଜଳ ସଂରକ୍ଷଣ ଅପରିହାର୍ଯ୍ୟ ସେ ବିଷୟରେ ଅତିଥିମାନେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ବୌଦ୍ଧ ଜିଲ୍ଲାରେ ୨୦୧୯ ଅଗଷ୍ଟରେ 'ହର୍ ଘର୍ ଜଲ୍' ପ୍ରକଳ୍ପ ଆରମ୍ଭ ହୋଇଥିଲା। ବୌଦ୍ଧ ବ୍ଲକରେ ୨୨୪ କୋଟି ୭୧ ଲକ୍ଷ ଟଙ୍କା ବ୍ୟୟରେ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହେଉଛି। ୩୯୧ଟି ଗ୍ରାମକୁ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଖୁଣ୍ଟବନ୍ଧ ପଞ୍ଚାୟତର ୧୭୦୦ ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ କରାଯାଇଥିଲା ବୋଲି ଏଥିରେ ତଥ୍ୟ ଦିଆଯାଇଛି। ତେବେ କାର୍ଯ୍ୟକ୍ରମରେ କେତେକ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସରପଞ୍ଚ ଟୁନି ମହାନନ୍ଦିଆଙ୍କୁ ଜଳ ଅର୍ପଣ ମାନପତ୍ର ପ୍ରଦାନ କରାଯାଇଥିଲା। ଗିରିଶ ମେହେର କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଅତିଥିମାନେ ପମ୍ପଘର ଓ ପାଣିଟାଙ୍କି ଉଦ୍‌ଘାଟନ କରିଥିଲେ। ଶେଷରେ ଉଭୟ ଦୁଇ ବିଧାୟକ ନୂତନ ହିତାଧିକାରୀଙ୍କୁ ଭଉା, ଜମି ପଟ୍ଟା ପ୍ରଦାନ କରିଥିଲେ।

## ସୁରକ୍ଷିତ ଇଣ୍ଟରନେଟ ଦିବସ




ପଲଶାଗୋରା, ୧୦।୨(ସମିସ): ପଲଶାଗୋରା ମିଳିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ସୁରକ୍ଷିତ ଇଣ୍ଟରନେଟ ଦିବସ ପାଳିତ ହୋଇଛି। ଓକାକ୍, ସିଡେକ ପ୍ରାୟୋଜିତ ଓକେସିଏଲ ଅଧିକୃତ ମା' ସରସ୍ୱତୀ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ଦ୍ୱାରା ଏହା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୀବ ପ୍ରହରାଜ, ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ନିରୁପମା ମହାପାତ୍ର, ଜସ୍ମିତା ସ୍ମିତା ଦେବୀ, ସୋନାଲି ପ୍ରିୟଦର୍ଶିନୀ, ସଙ୍ଗୀତା ଦଣ୍ଡେଶ, ଶିକ୍ଷକ ଉମାକାନ୍ତ ପରିଡ଼ା, ରିଙ୍କୁ ଝାଙ୍କର, ପ୍ରବୀଣ ପ୍ରଧାନ, ଅରୁଣ ଖଟୁଆ, ସନତ ରଣା, ନିମାଇଁ ସାହୁ, ରାଜେନ୍ଦ୍ର ମାଝୀ, ମିଥୁନ ନାଏକ, ଆଲୋକ ରଞ୍ଜନ ମେଣ୍ଡିଲି, ସାମ୍ବାଦିକ ରଞ୍ଜନ ପାତ୍ର ପ୍ରମୁଖ ମଞ୍ଚାସୀନ ରହି ଇଣ୍ଟରନେଟ ବିଷୟରେ ବକ୍ତବ୍ୟ ରଖିଥିଲେ। ଦେବାଶିଷ ମଲିକ ଓ ମକୁନ୍ଦ କଅଁର ଇଣ୍ଟରନେଟ ସୁରକ୍ଷିତ ବ୍ୟବହାର ବିଷୟରେ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। କେନ୍ଦ୍ର ନିର୍ଦ୍ଦେଶକ ଦେବାଶିଷ ମଲିକ ସଭାପତିତ୍ୱ କରିଥିଲେ। ଶୁଭାଶିଷ ମଲିକ, ଚିନ୍ମୟ ପାଣ୍ଡେ, ଗୀତାଞ୍ଜଳି ସୁନା, ହରପ୍ରିୟା ମହଲା ପ୍ରମୁଖ ସହଯୋଗ କରିଥିଲେ।

## ଜୁନିୟର ରେଡ୍‌କ୍ରସ୍ ପକ୍ଷରୁ ଦହି ପାଣି ବଣ୍ଟନ

ଡୁଙ୍ଗୁରିପାଲି, ୧୦।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଆହ୍ୱାନରେ ଓ ରେଡକ୍ରସ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଓ ବିସିସି ନିମାଇଁ ଚରଣ ମଲ୍ଲିକଙ୍କ ପ୍ରଚେଷ୍ଟା ରେ ଡୁଙ୍ଗୁରିପାଲି ବ୍ଲକ ସରକାରୀ ଉନ୍ନୀତ ବିଦ୍ୟାଳୟ, ଗୋପଳଜୀ ଉଚ୍ଚ ବିଦ୍ୟାଳୟ ତମାମୁରା, ଦିଗଶିରା ଉଚ୍ଚ ବିଦ୍ୟାଳୟର ମିଳିତ ଉଦ୍ୟମରେ ଜୁନିଅର ରେଡ୍‌କ୍ରସ ୟୁନିଟ ତରଫରୁ ୧୦୦୮ କୁଣ୍ଡିଆ ଯଜ୍ଞ ଦେଖିବାକୁ ଆସିଥିବା ଶ୍ରଦ୍ଧାଳୁଙ୍କୁ ଦହି ପାଣି ବଣ୍ଟନ କରାଯାଇଥିଲା। ଏଥିରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସାହୁ, ଦେବକୀ ବାଗ୍, ତମାମୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁଷ୍ପାଞ୍ଜଳୀ ସାହୁ, ଧ୍ରୁବ ଚରଣ ବାରିକ, କୃଷ୍ଣକାଲସେ, ପ୍ରଶାନ୍ତ ପ୍ରଧାନ, ମନୋଜ ବରିହା, ଗୀତିକା ବାଗ, କିଶୋର ସେଠୀ, ସବିତା ବରିହା ଓ ବିଦ୍ୟାଳୟର ଜୁନିଅର ରେଡ୍‌କ୍ରସ ୟୁନିଟର ଛାତ୍ରଛାତ୍ରୀ ପ୍ରମୁଖ ଜଳ ଯୋଗାଣରେ ସହଯୋଗ କରିଥିଲେ।



## ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ



ବୌଦ୍ଧ, ୧୦।୨(ସମିସ): ବୌଦ୍ଧ ଜିଲ୍ଲାର ଯୋଗିନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରବାର କଲ୍ୟାଣ) ଅମିତାଭ ଦାସ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ସାନ୍ତା ନିବେଦିତା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡାକ୍ତର ନାରାୟଣ ପସାୟତ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଭାସ୍କର ଲେଙ୍କା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଆଶାକର୍ମୀ, ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାର ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗିରିଜା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ତେଲିବନ୍ଧ ପଞ୍ଚାୟତ କାର୍ଯ୍ୟାଳୟରେ ଆଇନ ସଚେତନତା

ବୌଦ୍ଧ, ୧୦।୨(ସମିସ): ତେଲିବନ୍ଧ ପଞ୍ଚାୟତ କାର୍ଯ୍ୟାଳୟରେ ବୌଦ୍ଧ ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତେଲିବନ୍ଧ ସରପଞ୍ଚ ରତ୍ନାକର



ନାଏକଙ୍କ ସହ ବିଭିନ୍ନ ଗ୍ରାମରୁ ଲୋକେ ଉପସ୍ଥିତ ଥିଲେ। ମଧ୍ୟସ୍ଥତା ମାଧ୍ୟମରେ ନିଜ ମାମଲାର ଫଇସଲା କରି କିପରି ବହୁମୂଲ୍ୟ ସମୟ, ଶ୍ରମ ଓ ଅର୍ଥ ସଞ୍ଚୟ କରିହେବ ସେ ଉପରେ ଲୋକଙ୍କୁ ପ୍ରାଧିକରଣ ସଚିବ ବୁଝାଇଥିଲେ। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସୁନିଲ ନାଏକ, ସୁଶୀଲ ଦୀପ, ସ୍ୱାଧୀନ ପ୍ରଧାନ, ଜୟନ୍ତ ପ୍ରଧାନ, ଅର୍ଜୁନ ପ୍ରଧାନ ସହଯୋଗ କରିଥିଲେ।

## ୨ କୁଇଣ୍ଟାଲ ଗଞ୍ଜେଇ ଜବତ



ବୀରମହାରାଜପୁର, ୧୦।୨(ସମିସ): ସୁବଳୟା-ରେଢ଼ାଖୋଲ ରାସ୍ତା ଦୂରଦୁରା ନିକଟରେ ମଙ୍ଗଳବାର ସୁବଳୟା ପୁଲିସ ୨ କୁଇଣ୍ଟାଲରୁ ଅଧିକ ପରିମାଣର ଗଞ୍ଜେଇ ସହ ଏକ ସ୍କୁଟି ଓ ଇନୋଭା କାର୍ ଜବତ କରିଛି। ସୂଚନାନୁଯାୟୀ, ମଙ୍ଗଳବାର ଅପରାହ୍ନରେ ଏକ ଇନୋଭା କାର୍‌ଟି ଦ୍ରୁତ ଗତିରେ ଯାଉଥିବା ବେଳେ ସୁବଳୟା ପୁଲିସ ଗାଡିକୁ ପିଛା କରିଥିଲା। ରେଢ଼ାଖୋଲ ଅଞ୍ଚଳର ତ୍ରିବଣପୁର ରାସ୍ତାରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ସୁରକ୍ଷା ବାଡ଼ରେ ମାଡ଼ ହୋଇଯିବାରୁ ଗଞ୍ଜେଇ ବୋଝେଇ ଗାଡିକୁ ଛାଡି ଡ୍ରାଇଭର ସହ ଅନ୍ୟମାନେ ଜଙ୍ଗଲ ଭିତରକୁ ଫେରାର ହୋଇଯାଇଥିଲେ। ପୁଲିସ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଯାଞ୍ଚ କରିବାରେ ୨୧୦ ପ୍ୟାକେଟ ଗଞ୍ଜେଇ ବାହାରିଥିଲା। ସୁବଳୟା ଥାନା ଏସ୍‌ଆଇ ମୋହିତ କୁମାର ସୁନାମୀଙ୍କ ନେତୃତ୍ୱରେ ଚଢ଼ଉ ହୋଇଥିବା ବେଳେ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାଏକ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ପରଖିଥିଲେ। ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ବିରମହାରାଜପୁର ସହକାରୀ ଜିଲ୍ଲାପାଳ ଅଜିତ ମିର୍ଧା ଓ ବୀରମହାରାଜପୁର ଏସଡିପିଓ ହେମନ୍ତ ରାଓଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯାଇଥିଲା। ଉକ୍ତ ପ୍ୟାକେଟରେ ମୋଟ ୨ କୁଣ୍ଟାଲ ୩ କିଲୋ ଓଜନର ଗଞ୍ଜେଇ ଥିବା ସୂଚନା ମିଳିଛି।

## ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ



ତରଭା, ୧୦।୨(ସମିସ): ସୋନପୁର ବ୍ଲକ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନସ୍ଥ ଶରଧାପାଲି ସେଣ୍ଟ ଜାଭିଅର ବିଦ୍ୟାଳୟରେ ମଙ୍ଗଳବାର ଜାତୀୟ କୃମି ନାଶକ ଦିବସର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାଶ ନିଜ ହାତରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଔଷଧ ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମର ଅଧକ୍ଷ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ପୂଜାଶ୍ରୀ ମିଶ୍ର, ଏଡିପିଏଚସିଓ ବୃନ୍ଦାବନ ସାହୁ ଓ ବିଦ୍ୟାଳୟର ନିର୍ଦ୍ଦେଶକ ଡ. ଅରୁଣ କୁମାର ରଥଙ୍କ ତତ୍ତ୍ୱାବଧାନରେ ପରିଚାଳନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡିପିଏଚଓ(ଡିସି) ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଡିପିଏମ ରୂପକ କୁମାର ମହାପାତ୍ର, ଏଏମ୍‌ସିପି ତରଣୀସେନ ପ୍ରଧାନ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ନାଇକେନପାଲି ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ସରୋଜ କୁମାର ପଟେଲ, ସ୍ୱାସ୍ଥ୍ୟ ପରିଦର୍ଶକ ସିମାଞ୍ଚଳ ଦାଶ, ଫାର୍ମାସିଷ୍ଟ ହୃଷିକେଶ ମିଶ୍ର, ମହିଳା ସ୍ୱାସ୍ଥ୍ୟ କର୍ମୀ ସୁସ୍ମିତା ସୁନା, ଶୁଭଲକ୍ଷ୍ମୀ ବାଘ, ଦୀପଞ୍ଜଳି ଭୋଇ, ଆଶା କର୍ମୀ ଓ ଅଙ୍ଗନବାଡି କର୍ମୀମାନେ ଯୋଗ ଦେଇଥିଲେ। ସମସ୍ତ ଶିଶୁଙ୍କୁ କୃମି ନାଶକ ବଟିକା ଖୁଆଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଗୁପ୍ତେଶ୍ୱର ସାହୁ, ଶିକ୍ଷକ ଜୟନ୍ତ କୁମାର ସାହୁ, ସମୀର କୁମାର ଷଡ଼ଙ୍ଗୀ, ସୁରେନ୍ଦ୍ର ମଲ୍ଲିକ, ପୂର୍ଣ୍ଣିମା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ପିଏମ୍‌ଶ୍ରୀ ସୁବଳୟା ହାଇସ୍କୁଲରେ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ



ବୀରମହାରାଜପୁର, ୧୦।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ପିଏମ୍‌ଶ୍ରୀ ସୁବଳୟା ହାଇସ୍କୁଲର ପରିଚାଳନାରେ ଏକ ଆକର୍ଷଣୀୟ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମୋଟ ୬୪ଟି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମଟି ପ୍ରଧାନଶିକ୍ଷକ ସ୍ୱର୍ଣ୍ଣଲତା ବେହେରାଙ୍କ ନେତୃତ୍ୱରେ ହୋଇଥିଲା। ପ୍ରଦର୍ଶନୀର ଜୁରୀ ସଦସ୍ୟ ଭାବେ ବିଏମ୍‌ପୁର ହାଇସ୍କୁଲ ସଦାନନ୍ଦ ପଣ୍ଡା ଏବଂ ପିଏମ୍‌ଶ୍ରୀ କୁଶଳେଶ୍ୱର ହାଇସ୍କୁଲର ଚକନାୟନ ମେହେର ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ପ୍ରତିମା ବାଗ୍, ସଦାନନ୍ଦ ରଥ, ଅଜିତ ଗଡ଼ିଆ, ସମ୍ପା ବିଶ୍ୱାଳ, ସୌମ୍ୟ ରଞ୍ଜନ ମେହେର, ସୁରେନ୍ଦ୍ର ପ୍ରସାଦ ପାଢ଼ୀ ଏବଂ ସମସ୍ତ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା।

## ବାଗବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୀରମହାରାଜପୁର, ୧୦।୨(ସମିସ): ବାଗବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେ. ମୁଖ୍ୟ ଅତିଥି, ବାଗବର ଉଚ୍ଚ ବିଦ୍ୟାଳୟ ସଭାପତି ପ୍ରମୋଦ କୁମାର ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ଦାସ, ବଗବର ସରପଞ୍ଚ ନିରୁପମା ବଗର୍ତ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ବାଗବାର ପୂର୍ବତନ



ସରପଞ୍ଚ ତଥା କିଶୋର ନ୍ୟାୟ ବୋର୍ଡର ରାଧାକାନ୍ତ ବାଘ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଭୂଦତ୍ତ ବେଦୋକ୍ତା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ମିନାକ୍ଷୀ ପ୍ରଧାନ। ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ସଭ୍ୟାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟର ଛାତ୍ର କ୍ରିଷ୍ଣା ଦତ୍ତ ଶ୍ରେଷ୍ଠ ଛାତ୍ର ଓ ଛାତ୍ରୀ ପ୍ରୀତିମୟୀ ଶ୍ରେଷ୍ଠ ଛାତ୍ରୀ ଭାବରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗୌରୀ କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ସଂଯୋଜନା କରିଥିଲେ ପ୍ରଭୁଦତ୍ତ ବେଦୋକ୍ତ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବୌଦ୍ଧ ଏନ୍‌ଏସି ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

● ପ୍ରଭାବିତ ହେଲା ପରିମଳ ବ୍ୟବସ୍ଥା

ବୌଦ୍ଧ, ୧୦।୨(ସମିସ): ବୌଦ୍ଧରେ ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏନ୍‌ଏସି କାର୍ଯ୍ୟାଳୟ ଆଗରେ ସଫେଇ କର୍ମଚାରୀମାନେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଏକ ଆଉଟ୍ ସୋର୍ସିଂ ଏଜେନ୍ସି ଜରିଆରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀମାନେ ସେମାନଙ୍କୁ ସମ୍ପୃକ୍ତ ଏଜେନ୍ସି ଶୋଷଣ କରୁଥିବା ଅଭିଯୋଗ କରି କାର୍ଯ୍ୟବନ୍ଦ କରିଥିବା ଦେଖିବାକୁ ମିଳିଛି। ସେମାନଙ୍କୁ ଏଜେନ୍ସି ନିୟମିତ ପାରିଶ୍ରମିକ ପ୍ରଦାନ କରୁ ନ ଥିବା ଓ ଗତ ୯ ମାସ ହେଲା ଇପିଏଫ୍ ଟଙ୍କା ଜମା କରୁ ନ ଥିବା ଅଭିଯୋଗ କରି ସେମାନେ କାର୍ଯ୍ୟ ବନ୍ଦ କରିଥିବା କହିଛନ୍ତି। ଏଜେନ୍ସି ମାଲିକ ଆସି ସେମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ନ କରିବା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟବନ୍ଦ କରିବେ ବୋଲି ସୂଚନା ଦେଇଛନ୍ତି। ଏହାଫଳରେ ଆଜି ବୌଦ୍ଧ ସହରରେ ପରିମଳ ବ୍ୟବସ୍ଥା ଓ ରାସ୍ତା ଘାଟ ସଫେଇ ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଛି।

## ବରିଷ୍ଠ ସହାୟକ ଅର୍ଜୁନ ଝାଙ୍କରଙ୍କୁ ସମ୍ବର୍ଦ୍ଧନା

ତରଭା, ୧୦।୨(ସମିସ): ବଲାଙ୍ଗିର ଶିକ୍ଷକ ଶିକ୍ଷା ସ୍ନାତକ କଲେଜର ବରିଷ୍ଠ ସହାୟକ ଅର୍ଜୁନ ଝାଙ୍କର ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ତୁଲୁଣ୍ଡା ପଞ୍ଚାୟତ ନର୍ଡ଼ା ଗ୍ରାମରେ ଅର୍ଜୁନ ଝାଙ୍କରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ଆୟୋଜିତ ଉତ୍ସବରେ ବିଭିନ୍ନ ଅଧିକାରୀ, ଗ୍ରାମବାସୀ ସମ୍ବର୍ଦ୍ଧିତ କରିଛନ୍ତି। ଏଥିରେ ସ୍ଥାନୀୟ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ତରଭା ବ୍ଲକ ସଭାପତି ବଳଭଦ୍ର କୁଅଁର ନେତୃତ୍ୱରେ ଶ୍ରୀ ଝାଙ୍କରଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ କନ୍ଧ ସମାଜ ସଭାପତି ଶିବ ପ୍ରସାଦ କୁଅଁର, ସୋନପୁର ଜିଲ୍ଲା ସମ୍ପାଦକ ଲମୋଦର ଧରୁଆ, ବ୍ଲକ ସଭାପତି ସାଏବ ଭୋଇ, ବ୍ଲକ କାର୍ଯ୍ୟକାରୀ ସଭାପତି ଗଦିଦାର କୁଅଁର, ସମ୍ପାଦକ କପୁର୍ଚନ ଭୋଇ, ମିଡ଼ିଆ ସେଲ ସାଧବ କୁଅଁର, ବ୍ଲକ ସଂଯୋଜକ ଗୁଣନିଧି ମାଝୀଙ୍କ ସମେତ ଅନନ୍ତ କୁଅଁର, ସତ୍ୟବାନ କୁଅଁର, ସାନନ୍ଦ କୁଅଁର, ଶିକ୍ଷକ ରହିତ କୁଅଁର, ତପନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ଶିବିର

ବିନିକା, ୧୦।୨(ସମିସ): ସ୍ୱଳ୍ପ ସଞ୍ଚୟ ସଂଗଠନ ସୋନପୁର ତରଫରୁ ବିନିକାରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଏନଏସି ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିନିକା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ, ସମ୍ମାନୀୟ ଅତିଥି ଭାବରେ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ମଙ୍ଗଳ ପଧାନ, ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ମ୍ୟାନେଜର ସତ୍ୟବ୍ରତ ସାହୁ, ମୁଖ୍ୟବକ୍ତା ବିନିକା ଉପ ଡାକଘର ପୋଷ୍ଟ ମାଷ୍ଟର ପ୍ରହଲ୍ଲାଦ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇ ଶିବିରର ଲକ୍ଷ୍ୟ ଓ ଉପକାରିତା ଉପରେ ଆଲୋକପାତ କରିଥିଲେ। ସଭାକୁ ସଞ୍ଜୟ କୁମାର ବାରିକ ପରିଚାଳନା କରିଥିବା ବେଳେ ସତ୍ୟବ୍ରତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଉଁଶୁଣୀ ବସ୍‌ଷ୍ଟାଣ୍ଡ ନିକଟରେ ଦୁଇ ବାଇକ୍ ମଧ୍ୟରେ ଧକ୍କା

● ମହିଳା ଗୁରୁତର, ୨ ଘଣ୍ଟାରୁ ଅଧିକ ରାସ୍ତା ଜାମ୍
● ଦୀର୍ଘ ସମୟ ପରେ ଆସିଲା ପୁଲିସ

ବୌଦ୍ଧ, ୧୦।୨(ସମିସ): ୫୭ ନମ୍ବର ଜାତୀୟ ରାଜପଥର ବାଉଁଶୁଣୀ ବସଷ୍ଟାଣ୍ଡ ନିକଟରେ ମଙ୍ଗଳବାର ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏହାଫଳରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଏହି ମହିଳା ଜଣକ ହେଲେ ବାଉଁଶୁଣୀର ସମୀର ମେହେରଙ୍କ ପତ୍ନୀ। ଉଭୟ ଏକ ବାଇକ୍ ଯୋଗେ ସୋନପୁର ଆଡକୁ ଯାଉଥିଲେ। ଏତିକିବେଳେ ସୋନପୁର ପଟୁ ଆସୁଥିବା ଏକ ବାଇକ୍ ସହ ଉଭୟ ମୁହାଁମୁହିଁ ଧକ୍କା ହୋଇଥିଲେ। ଏହା ଫଳରେ ସମୀରଙ୍କ ପତ୍ନୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ବାଉଁଶୁଣୀ ଡାକ୍ତରଖାନା ପଠାଇଥିଲେ। ପରେ ସୋନପୁର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେହିପରି ସମୀର ଓ ଅନ୍ୟ ବାଇକ୍‌ର ଆରୋହୀ ଝାରମୁଣ୍ଡା ଗ୍ରାମର ଚିଣ୍ଟୁ ମଲ୍ଲିକ ଏବଂ ଜୟ ମଲ୍ଲିକ ମଧ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ପ୍ରାୟ ୨ ଘଣ୍ଟା ଧରି ବାଉଁଶୁଣୀ ବସଷ୍ଟାଣ୍ଡ ନିକଟରେ ଜାତୀୟ ରାଜପଥ ଜାମ୍ ହୋଇ ଯାଇଥିଲା। ସ୍ଥାନୀୟ ଥାନାକୁ ଖବର ଦିଆଯାଇଥିଲେ ମଧ୍ୟ ୧ ଘଣ୍ଟା ପରେ ପୁଲିସ ପହଞ୍ଚି ଯାନବାହାନ ଚଳାଚଳ ସ୍ୱାଭାବିକ କରିଥିଲା। ବାଉଁଶୁଣୀ ପୁଲିସ୍ ବସଷ୍ଟାଣ୍ଡ ନିକଟରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ କର୍ମଚାରୀ ମୁତୟନ କରୁଛି। ୨ ମାସ ହେଲା କିନ୍ତୁ କୌଣସି କର୍ମଚାରୀ ଆଉ ରହୁ ନାହାନ୍ତି। ଏହାଫଳରେ ରାସ୍ତାରେ ଯାତାୟତ କରୁଥିବା ଯାନବାହାନ ଯୋଗୁଁ ଟ୍ରାଫିକ୍ ସମସ୍ୟା ଉପୁଜୁଛି।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଲଛିପୁର, ୧୦।୨(ସମିସ)



ସୋନପୁର ମେରା ଯୁବ ଭାରତ ଓ ମେଦିନୀପାଲି ଜୟ ଯବାନ ୟୁଥ କ୍ଲବର ମିଳିତ ଆନୁକୂଲ୍ୟରେ ମେଦିନୀପାଲି ଓ ସାଗରପାଲି ଖେଳପଡ଼ିଆରେ ଚାରି ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡାରେ ମେରା ଯୁବ ଭାରତ ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର, ସ୍ୱେଚ୍ଛାସେବୀ ସୂର୍ଯ୍ୟନାରାୟଣ ପାଢ଼ୀ, ମଲ୍ଲିକମୁଣ୍ଡା ପଞ୍ଚାୟତର ସମିତି ସଭ୍ୟ କୁଶଲେଶ୍ୱର୍ ମେହେର, କ୍ଲବ୍‌ର ସଭାପତି ସଞ୍ଜିବ ଖୁଟୁଲି, ସମ୍ପାଦକ ପ୍ରଦୀପ ଭୋଇ, ନାରାୟଣପୁର ମହାବିଦ୍ୟାଳୟର ଖେଳ ଶିକ୍ଷକ ସୁଶାନ୍ତ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠିତ ପ୍ରତିଯୋଗିତାରେ ବ୍ୟାଡମିଣ୍ଟନ୍, ଭଲିବଲ, ଦୌଡ, ସାଇକଲ ସ୍ଲୋ ଓ ଫୁଟବଲ ଖେଳ ଅନୁଷ୍ଠିତ ହୋଇଥିଲା। ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ଆଶିଷ କାଳସାଏ ପ୍ରଥମ, ବିକ୍ରମ ମହାକୁର ଦ୍ୱିତୀୟ, ଅମିତ୍ ଖୁଟୁଲି ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଭଲିବଲ ପ୍ରତିଯୋଗିତାରେ ବଜରଙ୍ଗୀ ଦଳକୁ ପରାସ୍ତ କରି ଏମଏମଏଫସି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ଦିନ ୧୦୦ ମିଟର ଦୌଡ ପ୍ରତିଯୋଗିତାରେ ସଚିତା ନାଗ ପ୍ରଥମ, ସୁବାଷ ଦଣ୍ଡସେନା ଦ୍ୱିତୀୟ ଓ ରୋହିତ ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୨୦୦ ମିଟର ଦୌଡ ପ୍ରତିଯୋଗିତାରେ ଲକ୍ଷ୍ମଣ ବାରିକ ପ୍ରଥମ, ମୁକେଶ ପାଣ୍ଡେ ଦ୍ୱିତୀୟ ଓ ପ୍ରୟାସ ତରିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଯୁବତୀଙ୍କ ପାଇଁ ଅୟୋଜିତ ସାଇକଲ ସ୍ଲୋ ପ୍ରତିଯୋଗିତାରେ ରୋଜି ନାଏକ ପ୍ରଥମ, ସତ୍ୟପ୍ରିୟ ବାରିକ ଦ୍ୱିତୀୟ ଓ ପୂଜା ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜୁ ସାହୁ, ଗିରିଧାରୀ ଖୁଟୁଲି, ସୁଶାନ୍ତ ଭୋଇ ସମସ୍ତ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପାନୀ ଦିବସର ଫୁଟବଲ ପ୍ରତଯୋଗିତାରେ ଆଠଟି ଦଳ ଅଂଶଗ୍ରହଣ କରିଥିଲେ। ସେଗୁଡିକ ମଧ୍ୟରେ ଗାଡିଆ, ବାଗଦୁଲି, ମେଦିନିପାଲି, ତରଭା, ଜନମୁର, କମସରା, କସୁରପଲି, ଫବସି ପ୍ରମୁଖ ରହିଥିଲେ। ଫୁଟବଲ୍ ପ୍ରତିଯୋଗିତାରେ ମେଦିନିପାଲି ଜୟ ଯବାନ ୟୁଥ୍ କ୍ଲବ୍ ବିଜୟୀ ହୋଇଥିବା ବେଳେ ଫବସି ଦଳ ଉପବିଜେତା ହୋଇଥିଲା। କ୍ରିଡ଼ା ଉତ୍ସବରେ ଅଂଶଗ୍ରହଣ କରିଥିବା କୃତି ପ୍ରତିଯୋଗୀ ଓ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।

